# ପିଲାମାନଙ୍କ ପାଇଁ ବାଇବଲ
# ଉପହାର



## ସୁନ୍ଦର ଜ୍ଞାନହୀନ
## ରାଜା

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Lyn Doerksen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2017 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଶାମୁୟେଲ୍, ଇସ୍ରାୟେଲର ବିଚ଼ରକର୍ତ୍ତା ଓ ନେତା ବୃଦ୍ଧ ହୁଅନ୍ତେ, ସେ ତାଙ୍କର ପୁତ୍ରମାନଙ୍କୁ ଇସ୍ରାୟେଲ ଉପରେ ବିଚ଼ାରକର୍ତ୍ତା କଲେ ।

କିନ୍ତୁ ଶାମୁୟେଲଙ୍କର ପୁତ୍ରମାନେ ଦୁଷ୍ଟଥିଲେ । ସେମାନେ ଅନ୍ୟାୟଲାଭର ଅନୁଗାମୀ ହେଲେ । ସେମାନେ ଧନ ସଞ୍ଚୟ କରିବାକୁ ମନ୍ଦକାର୍ଯ୍ୟ କଲେ ଓ ନିଜର କ୍ଷମତାରେ ଲାଞ୍ଚ ନେଇ ବିଚ଼ାର ବିପରିତ କଲେ ।



ପୁତ୍ରମାନଙ୍କ ଦୁଷ୍ଟ ବ୍ୟବହାର ଯୋଗୁଁ ଇସ୍ରାୟେଲୀୟ ଲୋକମାନଙ୍କୁ ଅନେକ ପ୍ରକାର ଅସୁବଧାର ସାମନା କରିବାକୁ ପଡ଼ିଲା । ବିଚ଼ାରାଳୟ ଗୁଡ଼ିକ ଅନୁଚ଼ିତ ଥିଲେ । ସେମାନଙ୍କର ଆବଶ୍ୟକତା



ଅନୁସାରେ ଲୋକମାନଙ୍କୁ ସେମାନଙ୍କୁ ସାହାଯ୍ୟ କରିବାକୁ ପଡୁଥିଲା ।

ନିଶ୍ଚିତ ଭାବରେ କିଛି କରିବାକୁ ପଡ଼ିବ । ତହିଁରେ, ଇସ୍ରାୟେଲର ସମସ୍ତ ପ୍ରାଚ଼ିନବର୍ଗ ଏକତ୍ରୀତ ହୋଇ ଶାମୁୟେଲଙ୍କୁ ନିକଟକୁ ଆସି ସାହାଯ୍ୟ ପ୍ରାର୍ଥନା କଲେ ।



ଆମ୍ଭମାନଙ୍କର ବିଚ଼ାର କରିବାକୁ ଆମ୍ଭମାନଙ୍କୁ ଏକ ରାଜା ଦିଅ, ସେମାନେ କହିଲେ । ସେମାନେ ଶାମୟେଲଙ୍କ ଦୁଷ୍ଟ ପୁତ୍ରମାନଙ୍କ ଦ୍ୱାରା ବିଚ଼ାରିତ ହେବାକୁ ଚ଼ାହୁଁନଥିଲେ । ଏହେତୁ ପାର୍ଶ୍ୱରେ ଥିବା ଅନ୍ୟଦେଶିୟ ମାନଙ୍କ ପରି  ସେମାନେ ମଧ୍ୟ ରାଜା ଚ଼ାହିଁଲେ ।



ଶାମୁୟେଲ୍ ବିରକ୍ତ କ୍ରୋଧକଲେ । ଇସ୍ରାୟେଲରେ
ଆଗରୁ ରାଜା ଥିଲେ, ସଦାପ୍ରଭୁ ପରମେଶ୍ୱର, ଯେ ଆଦି ଓ ଅନ୍ତ
ଅଟନ୍ତି, ଇସ୍ରଏଲର ରଜା ଥିଲେ । ଅନେକ ଆଗରେ, ସେ
ସେମାନଙ୍କ ବାହାରିଯିବାକୁ ରକ୍ତସାଗରକୁ ଦୁଇଭାଗ କରି
ମିଶରିୟ ଦାସତ୍ୱରୁ ମୁକ୍ତ କଲେ ।


ସେ ସେହି ଇସ୍ରାୟେଲ୍
ଲୋକମାନଙ୍କୁ ସେମାନଙ୍କର
ଅତିସୁନ୍ଦର ଦେଶ ଦେଲେ ।

ଯେତେବେଳେ ଶାମୁୟେଲ୍ ପ୍ରାର୍ଥନା କଲେ, ସଦାପ୍ରଭୁ କହିଲେ, ସେମାନେ କେବଳ ତୁମ୍ଭକୁ ଅଗ୍ରାହ୍ୟ କରିନାହାନ୍ତି, ମାତ୍ର ସେମାନେ ଆମ୍ଭକୁ ଅଗ୍ରାହ୍ୟ କରିଛନ୍ତି, ଯେପରି ଆମ୍ଭେ ସେମାନଙ୍କ ଉପରେ ରାଜା ନୋହିବା ।



ସେମାନେ ଅନ୍ୟ ଦେବଗଣର ସେବା କରିଛନ୍ତି । ସେମାନଙ୍କ ରବରେ କର୍ଣ୍ଣପାତ କର ଓ ସେମାନଙ୍କ ପାଇଁ ଏକ ରାଜା କର ।



ସଦାପ୍ରଭୁ ଶାମୁୟେଲଙ୍କୁ କହିଲେ, ଲୋକମାନଙ୍କୁ



ସେମାନଙ୍କ ଉପରେ ରାଜତ୍ୱ କରିବାକୁ ଯାଉଥିବା ସେହି ରାଜର ବିଧି ସେମାନଙ୍କୁ ଜଣାଇବାକୁ କହିଲେ । ସେହି ରାଜା ତୁମ୍ଭମାନଙ୍କଠାରୁ କର ଆଦାୟ କରିବ, ତୁମ୍ଭମାନଙ୍କର ଉତ୍ତମ ଜମି ତାଙ୍କର ହେବ ।



ତୁମ୍ଭମାନଙ୍କର ପୁତ୍ରମାନଙ୍କୁ
ନେଇ ଆପଣା ରଥ
ନିମନ୍ତେ ଓ ଆପଣା
ଅଶ୍ୱାରୋହି ହେବା
ନିମନ୍ତେ ନିଯୁକ୍ତ କରିବ ।
ତୁମ୍ଭମାନଙ୍କର କନ୍ୟାଗଣକୁ
ନେଇ ଗନ୍ଧଦ୍ରବ୍ୟ
ପ୍ରସ୍ତୁତକାରିଣୀ ଓ ପାଚିକା
ଓ ସୁପକାରୀଣୀ କରିବ ।




ଯାହାବି ହେଉ
ଲୋକମାନେ ସେମାନଙ୍କ
ନିମନ୍ତେ
ଏକ ରାଜା
ଚାହିଁଲେ ।



ପରମେଶ୍ୱର ଶାମୁୟେଲଙ୍କୁ ଏକ ସୁନ୍ଦର ଯୁବକ ନିକଟକୁ
ନେଇଗଲେ, ସେ ଲାଜକୁଳୀ ଓ ଉଚ୍ଚା ଥିଲେ । ସେ
ସମସ୍ତ ଲୋକଙ୍କ ଅପେକ୍ଷା ସ୍କନ୍ଧରୁ
ଉର୍ଦ୍ଧ୍ୱକୁ ଉଚ୍ଚ ଥିଲେ । ତାଙ୍କର
ନାମ ଶାଉଲ ଥିଲା ।



ଯେତେବେଳେ ଶାମୟେଲ୍
ଶାଉଲଙ୍କୁ ଦେଖିଲେ, ପରମେଶ୍ୱର
କହିଲେ, ଏହି ସେ ଯୁବା ଯେ
କି ଆମ୍ଭଲୋକମାନଙ୍କ
ଉପରେ ରାଜତ୍ୱ କରିବ ।



ବାଧ୍ୟତାପୂର୍ବକ, ଶାମୁୟେଲ୍ ଇସ୍ରାୟେଲ୍ ଉପରେ ରାଜା ଭାବରେ
ଶାଉଲଙ୍କୁ ଅଭିଷେକ କଲେ ।
ଯେତେବେଳେ ସେ ଇସ୍ରାୟେଲୀୟ
ଲୋକମାନଙ୍କ ନିକଟକୁ ଶାଉଲଙ୍କୁ
ଆଣିଲେ, ତହିଁରେ ସମସ୍ତ ଲୋକ
ଜୟଧ୍ୱନି କରି କହିଲେ, ରାଜା
ଚିରଜୀବୀ ହେଉନ୍ତୁ ।

ଶିଘ୍ର ଶାଉଲଙ୍କର ପରିକ୍ଷା ଆରମ୍ଭ ହେଲା । ଅମୋନୀୟମାନେ, ଯେଉଁମାନେ କି ଇସ୍ରାୟେଲ୍ ସନ୍ତାନଗଣଙ୍କୁ ଘୃଣା କରୁଥିଲେ, ଇସ୍ରାୟେଲର ଏକ ନଗରକୁ ଚାରିପଟେ ଘେରାଓ କରି ସମସ୍ତ ଇସ୍ରାୟେଲ୍ ...



... ସନ୍ତାନଗଣର ଦକ୍ଷିଣ ଚକ୍ଷୁ ଉପାଡ଼ିଦେବାକୁ ଧମକ ଦେଲେ । କି କ୍ରୁର ଯୋଜନା । ସେହି ଧମକ ସମ୍ବାଦ ଶାଉଲଙ୍କ ନିକଟରେ ପହଞ୍ଚିଲା । ସେ ତାଙ୍କର ସୈନ୍ୟ ପ୍ରସ୍ତୁତ କଲେ ।





ଯେତେବେଳେ ଦୁଇଦେଶର
ସୈନ୍ୟଦଳ ଲଢ଼େଇକଲେ ।
ଶାଉଲ ଅମୋନୀୟମାନଙ୍କ
ସୈନ୍ୟଦଳକୁ ନଷ୍ଟକରି
ନଗରକୁ ଉଦ୍ଧାର କଲେ ।
ସେତେବେଳେ ରାଜା ଶାଉଲ
ସଦାପ୍ରଭୁଙ୍କୁ ମହିମା କଲେ, ଓ
କହିଲେ, ଆଜି ସଦାପ୍ରଭୁ ଇସ୍ରାୟେଲ
ମଧ୍ୟରେ ଉଦ୍ଧାର ସାଧନ କରିଛନ୍ତି ।

ସେହିଦିନ ସଦାପ୍ରଭୁ ଶାଉଲଙ୍କର ମହା ବିଜୟ ସାଧନ କଲେ ।
ମାତ୍ର ଶାଉଲ ସର୍ବଦା ସଦାପ୍ରଭୁଙ୍କୁ ସନ୍ମାନ କେଲେ ନାହିଁ । ଦିନେ,
ପଲେଷ୍ଟିୟମାନଙ୍କ ସହିତ ଲଢ଼େଇ
ସମୟରେ ଶାଉଲ ନିଜେ
ହୋମବଳି ଉତ୍ସର୍ଗ କଲେ ।



ସେ ଜାଣିଥିଲେ ଯେ ତାହା ଶାମୁୟେଲଙ୍କ କାର୍ଯ୍ୟ ଅଟେ । ସେ ଏହା ମଧ୍ୟ ଜାଣିଥିଲେ ଯେ ସଦାପ୍ରଭୁ ଚ଼ାହାଁନ୍ତି ସେ ଶାମୁଏଲଙ୍କ ଆସିବା ସମୟ ପର୍ଯ୍ୟନ୍ତ ଅପେକ୍ଷା କରିବା ଆବଶ୍ୟକ । ମାତ୍ର ଶାଉଲ ସଦାପ୍ରଭୁଙ୍କର ଅବାଧ୍ୟ ହେଲେ ।



ଯେତେବେଳେ ଶାମୁଏଲ୍ ପହଞ୍ଚିଲେ, ସେ ଶାଉଲଙ୍କୁ କହିଲେ, ତୁମ୍ଭେ ମୁର୍ଖତାର କାର୍ଯ୍ୟ କରିଅଛ । ତୁମ୍ଭେ ଆପଣା ପରମେଶ୍ୱରଙ୍କ ଆଜ୍ଞା ପାଲନ କଲନାହିଁ ।



ଅଦ୍ୟାବଧି ତୁମ୍ଭର ରାଜ୍ୟ ଆଉ ସ୍ଥିରହେବନାହିଁ । ଶାଉଲ ଭାବିଥାଇପାରନ୍ତି ଯେ ଏହି ପାପ କ୍ଷୁଦ୍ରତର ଅଟେ । ମାତ୍ର ସଦାପ୍ରଭୁଙ୍କ ଆଜ୍ଞାଲଙ୍ଘନ ଏକ ଗମ୍ଭିର ଅଟେ ।



ଅନ୍ୟ ଏକ ସମୟରେ, ପରମେଶ୍ୱର ଅମାଲେକୀୟ ପାପିମାନଙ୍କୁ ବର୍ଜୀତ ଭାବରେ ବିନାସ କରିବାକୁ ଶାଉଲଙ୍କୁ



ଆଜ୍ଞାକରିଥିଲେ । କିନ୍ତୁ ଶାଉଲ ଓ ତାଙ୍କ ଲୋକମାନେ ଅମାଲେକର ରଜା ଅଗାଗକୁ ଜୀବନ୍ତ ରଖି ନିଜଦେଶକୁ ଆଣିଲେ ।

ଆହୁରି ମଧ୍ୟ ସେମାନେ ମୁଲ୍ୟବାନ ଜୀନିଷପତ୍ର ଏବଂ ମେଷ ଓ ଗୋରୁ ଆଣିଲେ, ଶାଉଲ କହିଲେ ଏହା



ପ୍ରଭୁଙ୍କ ଉଦ୍ଧେଶ୍ୟରେ ହୋମବଳି ଉତ୍ସର୍ଗ କରିବାକୁ ଜୀବିତ ରଖିଲେ ।



ଶାମୁୟେଲ୍ ଶାଉଲଙ୍କୁ କହିଲେ,
ପରମେଶ୍ୱରଙ୍କ ଆଜ୍ଞାବହତା
ହୋମଲିଠାରୁ ଉତ୍ତମ ଏଟେ । ତୁମ୍ଭେ
ପରମେଶ୍ୱରଙ୍କ ବାକ୍ୟ ତୁଚ୍ଛ କରିଅଛ,
ତେଣୁ ସଦାପ୍ରଭୁ ମଧ୍ୟ ତୁମ୍ଭକୁ ରାଜା
ହୋଇଥିବା ପାଇଁ ତୁଚ୍ଛ କଲେ ।
ଶାଉଲ ନିଜ ପାପ ନିମନ୍ତେ
ଅତିଶୟ ଦୁଃଖିତ ହେଲେ ।



କିନ୍ତୁ ସେ ବହୁତ ବିଳମ୍ବ କରିଥିଲେ ।
ଶାଉଲଙ୍କ ପରବର୍ତ୍ତୀ ଜୀବନ ବହୁ
ଦୁଃଖରେ କାଟିଥିଲା କାରଣ ସେ
ପରମେଶ୍ୱରଙ୍କୁ ବାଧ୍ୟ ହେଲେନାହିଁ ।

ସୁନ୍ଦର ଜ୍ଞାନହୀନ ରାଜା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

୧ ଶାମୁୟେଲ୍ ୮-୧୬

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଈଶ୍ୱର ତୁମ୍ଭକୁ ଏତେ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କ୍ରୁଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬